ସୁଶୀଳା ନରହରି ଏବଂ ଅନ୍ୟମାନେ

ବନାମ

ନନ୍ଦ କୁମାର ଏବଂ ଅନ୍ୟଜଣେ

4 ଜୁଲାଇ, 1996

[କେ. ରାମସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ କାର୍ଯ୍ୟବିଧି ସଂହିତା, 1908: ଆଦେଶ 9 ନିୟମାବଳୀ 13 ଏବଂ 14 ।*

*ଏକପାକ୍ଷିକ ଡିକ୍ରି- ରଦ୍ଦ କରିବା- ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ପାଇଁ ପ୍ରତିବାଦୀଙ୍କ ମକଦ୍ଦମା- ଏକପାକ୍ଷିକ ଡିକ୍ରି- ଆବେଦନକାରୀଙ୍କ ଦ୍ୱାରା ରଦ୍ଦ କରିବା ପାଇଁ ଆବେଦନ- ଦାଖଲ କରିବାକୁ ବିଳମ୍ବ- ପକ୍ଷକୁ ନୋଟିସ ନ ଦେଇ ୱାକଲତନମା ପ୍ରତ୍ୟାହାର କରି ଓକିଲଙ୍କ କର୍ତ୍ତବ୍ୟରେ ଅବହେଳା ଯୋଗୁଁ ବିଳମ୍ବ- କୁହାଗଲା ଏପରି ପରିସ୍ଥିତିରେ ଆବେଦନ ଦାଖଲ କରିବାରେ ବିଳମ୍ବ ଯଥାର୍ଥ ଥିଲା- ବିଳମ୍ବକୁ କ୍ଷମା କରାଯାଇଛି ଏବଂ ଏକପାକ୍ଷିକ ଡିକ୍ରିକୁ ରଦ୍ଦ କରାଯାଇଛି ।*

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 9480/1996

ସି.ଆର.ପି. ସଂଖ୍ୟା 306/1994 ରେ ମାଡ୍ରାସ ନ୍ୟାୟାଳୟର ତା 14.2.94 ରିଖର ରାୟ ତଥା ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଏମ.ଏ. କୃଷ୍ଣମୂର୍ତ୍ତି ।

ପ୍ରତିବାଦୀଙ୍କ ପକ୍ଷରୁ ଡକ୍ଟର ଏ. ଫ୍ରାନ୍ସିସ ଜୁଲିଆନ ଏବଂ ଏ. ମାରିଆରପୁଥାମ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ମଞ୍ଜୁର କରାଗଲା ।

ଆମ୍ଭେ ଉଭୟ ପକ୍ଷର ଶ୍ରୀମାନ ଓକିଲଙ୍କ କଥା ଶୁଣିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ 14 ଫେବୃଆରୀ, 1994 ରେ ସିଆରପି ସଂଖ୍ୟା 306/94 ରେ ଉଚ୍ଚ ନ୍ୟାୟାଳୟଙ୍କ ମାନ୍ୟବର ଏକକ ବିଚାରପତିଙ୍କ ଆଦେଶ ବିରୁଦ୍ଧରେ ଆଗତ ହୋଇଛି । ମାଡ୍ରାସ ସହରରେ 4840 ବର୍ଗଫୁଟ ଜମି ବିକ୍ରୟ ପାଇଁ 29 ଜାନୁୟାରୀ, 1986 ରେ ଚୁକ୍ତିନାମାର ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ପାଇଁ ପ୍ରତିବାଦୀଙ୍କ ଦ୍ୱାରା କରାଯାଇଥିବା ମାମଲାର ଏକପାକ୍ଷିକ ଭାବରେ ଡିକ୍ରି ଦିଆଯାଇଥିଲା । ଆବେଦନକାରୀମାନେ ଏକପାକ୍ଷିକ ଡିକ୍ରିକୁ ଖାରଜ କରିବା ପାଇଁ ଏକ ଆବେଦନ ଦାଖଲ କରିଥିଲେ ଯାହାକୁ ବିଚାରଣ ନ୍ୟାୟାଳୟ ଖାରଜ କରିଥିଲେ ଏବଂ ପୁନରୀକ୍ଷଣରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରତିଜ୍ଞାନ କରାଯାଇଥିଲା । ସୁତରାଂ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନଟି ।

ତଥ୍ୟଗୁଡ଼ିକୁ ପଢ଼ିବା ଦ୍ୱାରା ଆମ୍ଭର କୌଣସି ସନ୍ଦେହ ନାହିଁ ଯେ ଯଦିଓ ଆବେଦନକାରୀଙ୍କ ପକ୍ଷରୁ କୌଣସି ଅସହଯୋଗ ଥିଲା, ପଞ୍ଜୀକୃତ ଡାକ ଦ୍ୱାରା ମହକିଲଙ୍କୁ ଜଣାଇବାରେ ଓକିଲ ତାଙ୍କର କର୍ତ୍ତବ୍ୟରେ ଅବହେଳା କରିଛନ୍ତି । ଫଳସ୍ୱରୂପ, ଯେତେବେଳେ ମାମଲା ବିଚାରଣ ପାଇଁ ଆସିଲା, ସେ ଆବେଦନକାରୀଙ୍କୁ ନୋଟିସ ନ ଦେଇ ତାଙ୍କର ୱକାଲାତନାମା ପ୍ରତ୍ୟାହାର କରିନେଇଥିଲେ । ବିଚାରଣ ନ୍ୟାୟାଳୟ ଆବେଦନକାରୀମାନଙ୍କୁ ଏକପାକ୍ଷିକ ଭାବରେ ରଖିଥିଲେ ଏବଂ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ପାଇଁ ମାମଲାକୁ ଡିକ୍ରୀ

ଦେଇଥିଲେ । 40 ଦିନର ବିଳମ୍ବ ପାଇଁ କ୍ଷମା ପାଇଁ ଆବେଦନ ଦାଖଲ କରାଯାଇଥିଲା । ନ୍ୟାୟାଳୟ ବିଳମ୍ବକୁ କ୍ଷମା କରିବାକୁ ମନା କରିଥିଲେ । ଉପରୋକ୍ତ ଦୃଷ୍ଟିରୁ, ଆମ୍ଭେ ଜାଣିପାରୁଛୁ ଯେ ସେ ବିଳମ୍ବ ସହିତ ଆବେଦନ ଦାଖଲ କରିବାରେ ଠିକ ଅଟନ୍ତି । ବିଳମ୍ବକୁ କ୍ଷମା କରାଯାଉଛି । ଏକପାକ୍ଷିକ ଡିକ୍ରୀକୁ ରଦ୍ଦ କରାଯାଉଛି । ବିଚାରଣ ନ୍ୟାୟାଳୟକୁ ନିର୍ଦ୍ଦେଶ ଦିଆଯାଉଛି ଯେ ଆବେଦନକାରୀମାନଙ୍କୁ ମୋକଦ୍ଦମାର ପ୍ରତିବାଦୀଙ୍କ ଦ୍ୱାରା ଯାଞ୍ଚ କରାଯାଇଥିବା ସାକ୍ଷୀଙ୍କୁ ଜେରା କରିବା ଏବଂ ତାଙ୍କ ପକ୍ଷରୁ ପ୍ରମାଣ ଯୋଗାଡ଼ କରିବା ପାଇଁ ସୁଯୋଗ ଦିଅନ୍ତୁ । ନିର୍ଦ୍ଦେଶର ନକଲ ପାଇବା ତାରିଖରୁ ଗୋଟିଏ ବର୍ଷ ମଧ୍ୟରେ ଯଥାସମ୍ଭବ ମାମଲାର ତ୍ୱରିତ ଫଏସଲା କରିବାକୁ ବିଚାରଣ ନ୍ୟାୟାଳୟକୁ ପୁନଶ୍ଚ ନିର୍ଦ୍ଦେଶ ଦିଆଯାଇଛି । ଆବେଦନକୁ ମଞ୍ଜୁରୀ ଦିଆଯାଉଛି । କୌଣସି ବାବଦ ଖର୍ଚ୍ଚ ନାହିଁ ।

ଟି.ଏନ.ଏ.

ଆବେଦନକୁ ଅନୁମତି ଦିଆଯାଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**